## ୩ ନବାଳକଙ୍କୁ ଉଦ୍ଧାର କଲା ପୁଲିସ



ଚାରିଛକ,୬।୬(ସମିସ): ଚାରିଛକ ପୁଲିସ ଆଜି ସକାଳୁ ୩ଜଣ ନାବାଳକଙ୍କୁ ଚାରିଛକ ବଜାରରୁ ଉଦ୍ଧାରକରି ଥାନାରେ ଅଟକ ରଖିଥିବା ଜଣାପଡିଛି । ସୁଚନା ମୁତାବକ ବିହାର ଅଂଚଳର କିଛି ନାବାଳକ କାକଟପୁରରେ ଏକ ମାଦ୍ରାସାରେ ରହି ପାଠ ପଢୁଥିଲେ । ପିଲାମାନଙ୍କ କହିବା ମୁତାବକ ମାଦ୍ରାସା ସ୍କୁଲରେ ତାଙ୍କୁ ମାରଧର କରିବା ସହ ନିର୍ଯାତନା ଦେଉଥିଲେ । ମାଡ଼ ସହିନପାରି ଗତକାଲି ରାତିରେ ୩ଜଣ ନାବାଳକ ସେଠାରୁ ଖସି ଆସିଥିଲେ । ଚାରିଛକ ଠାରେ କିଛିଲୋକ ପିଲାମାନଙ୍କୁ ଦେଖି ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ । ପୁଲିସ ଚାରିଛକ ବଜାରରୁ ସେ ୩ଜଣ ନାବାଳକଙ୍କୁ ଉଦ୍ଧାରକରି ଥାନାରେ ଅଟକ ରଖି ପଚରା ଉଚରା କରିବାପରେ ସେମାନେ ବିହାର ଅଞ୍ଚଳର ବୋଲି କହିଥିଲେ । ଉକ୍ତ ନାବାଳକ ୩ଜଣ ହେଲେ ମହମ୍ମଦ ମୁମତାସିର (୧୪) ମହମ୍ମଦ ମତାଲିଭ (୧୪), ମହମ୍ମଦ ଫିରୋଜ (୧୪) ନାବାଳକ ତିନିଜଣଙ୍କୁ କାକଟପୁର ଥାନାକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବଳଙ୍ଗା,୬।୬(ସମିସ): ବଳଙ୍ଗା ଦେଉଳି ସାହି ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ରାମ ଚନ୍ଦ୍ର ପ୍ରଧାନ (୯୧) ଙ୍କର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ମଙ୍ଗଳବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି । ରାମଚନ୍ଦ୍ର ତାଙ୍କର ଶିକ୍ଷକତା ଜୀବନ ନିନିଗାଁ ଉପ୍ରା ବିଦ୍ୟାଳୟରୁ ଆରମ୍ଭ କରି ଗୋପୀନାଥପୁରରେ ଦୀର୍ଘବର୍ଷ କାର୍ଯ୍ୟକରିବା ପରେ ସ୍ଥାନୀୟ ପାର୍ବତୀପୁର ଉପ୍ରା ବିଦ୍ୟାଳୟରେ କାର୍ଯ୍ୟକାରୀ ଅବସର ଗ୍ରହଣ କରିଥିଲେ । ଅବସର ପରେ ସେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହିତ ଯୋଡ଼ି ହୋଇ ସମାଜ କଲ୍ୟାଣ ପାଇଁ କାମ କରି ଆସୁଥିଲେ । ନିକଟରେ ତାଙ୍କର ବାର୍ଦ୍ଧକ୍ୟ ଜନିତ କାରଣରୁ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲା ବେଳେ ଆଜି ସେଠାରେ ମୃତ୍ୟୁ ବରଣ କରିଥିଲେ । ଅପରାହ୍ନରେ ମରଶରୀର ନିଜ ବାସ ଭବନରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ପରେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ସୁକାନ୍ତ ବରାଳ, କୃପାସିନ୍ଧୁ ଦତ୍ତ, ବିଜେପି ସଭାପତି ପ୍ରଭାକର ନାୟକ, ରଞ୍ଜନ ପ୍ରଧାନ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ପରେ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା କରିବା ପରେ ପୁରୀ ସ୍ୱର୍ଗ ଦ୍ୱାରଠାରେ ଅନ୍ତିମ ସତ୍କାର କରାଯାଇଥିଲା ବେଳେ ଏକ ମାତ୍ର ପୁତ୍ର ସୁକାନ୍ତ କୁମାର ପ୍ରଧାନ ମୁଖାଗ୍ନି ଦେଇଥିଲେ । କୁଟୁମ୍ବ ,ବନ୍ଧୁ ପରିଜନ, ଆତ୍ମୀୟ ସ୍ୱଜନ, ଗ୍ରାମ ବାସୀ ପ୍ରଭୃତି ପାଖରେ ଉପସ୍ଥିତ ଥିଲେ ।

## ମାଟ୍ରିକ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



କଣାସ,୬।୬(ସମିସ): କଣାସ ବ୍ଲକ ଆଳିବାଡ଼ ପଞ୍ଚାୟତ କରମଳାଠାରେ ପ୍ରତିଷ୍ଠିତ ଅଭିରାମ ନୋଡାଲ ବିଦ୍ୟାପୀଠର ମାଟ୍ରିକ ପରୀକ୍ଷାରେ ଏ୧ ଓ ଏ୨ ରେ ଉତୀର୍ଣ୍ଣ ହୋଇଥିବା ୧୧ଜଣ ଛାତ୍ରଛାତ୍ରୀଙ୍କୁ ଆଜି ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି ଏ୧ରେ ଉତୀର୍ଣ୍ଣ ହୋଇଥିବା ସୁଶ୍ରୀ ଆଦ୍ୟଷା ପରିଡା ଏବଂ ଏ ୨ରେ ଉତୀର୍ଣ୍ଣ ହୋଇଥିବା ୧୦ଜଣ ଛାତ୍ର ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ସୁଶୀଲ କୁମାର ମହାପାତ୍ର ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମର୍ଦ୍ଧିତ କରିଥିଲେ, ସମର୍ଦ୍ଧନା ଉତ୍ସବରେ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତି ଆନନ୍ଦ ଆଶ୍ରମର ବାବାଜୀ ବନବିହାରୀ ଦାସ ମହାରାଜ, ଆଳିବାଡ଼ ସରପଞ୍ଚ ମଞ୍ଜୁଲତା ପ୍ରଧାନ, ଆଲୁମିନି ପ୍ରତିନିଧି ରଘୁନାଥ ପ୍ରଧାନ, ଇତଶ୍ରୀ ସୁବୁଦ୍ଧି, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିବା ବେଳେ ଶିକ୍ଷକ ଚକ୍ରଧର ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

## ପାନୀୟଜଳ ପ୍ରକଳ୍ପ ଅଚଳ, ଲୋକେ ହୀନସ୍ତା

କଣାସ,୬।୬(ସମିସ): କଣାସ ବ୍ଲକ ଚିଲିକା ଉପକୂଳରେ ହୋଇଥିବାରୁ ବର୍ଷ ସାରା ଏଠାରେ ପାନୀୟ ଜଳ ସମସ୍ୟା ଲାଗି ରହୁଛି । ରୌଦ୍ର ତାପ ସମୟରେ ତାହା ଏପରି ଉଗ୍ରରୂପ ଧାରଣ କରେ ଯାହାକି ଜିଲ୍ଲା ଓ ବ୍ଲକ ପ୍ରସାଶନର ମୁଣ୍ଡ ବିନ୍ଧାର କାରଣ ହୋଇ ପଡେ କଣାସ ବ୍ଲକର ୨୮ଟି ଗ୍ରାମ ପଞ୍ଚାୟତ, ସତ୍ୟବାଦୀ ବ୍ଲକ୍‌ର ୪ଟି ଗ୍ରାମ ପଞ୍ଚାୟତ ଏବଂ ବ୍ରହ୍ମଗିରି ବ୍ଲକର ୪ଟି ପଞ୍ଚାୟତକୁ ପାନୀୟ ଜଳ ଯୋଗାଇବା ପାଇଁ କଣାସ ବ୍ଲକ ତୁପୁରିଙ୍ଗ ଠାରେ ୨୦୧୮ ମସିହାରେ ଏକ ପାନୀୟ ଜଳ ମେଗା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା, ୨୦୨୪ମସିହା ସୁଧା ପାନୀୟ ଜଳ ପ୍ରକଳ୍ପ ଶେଷ ହେବା ଅବଧି ଥିଲେ ମଧ୍ୟ ୨୦୨୬ମସିହା ସୁଧା କାର୍ଯ୍ୟ ଶେଷ ହୋଇ ପାରି ନାହିଁ, କେତୋଟି ହାତ ଗଣତି ଗ୍ରାମପଞ୍ଚାୟତକୁ ବକୁ,ସାହୁପଡ଼ା, ବଡାଳ , କାଦୁଆ, ଗୋପୀନାଥପୁର, ଦୋଛିଆଁ, ଦେଇପୁର, ଗଡ଼ଖାରଦ ପଞ୍ଚାୟତ ସମସ୍ତ ଗ୍ରାମକୁ ପାନୀୟ ଜଳ ପ୍ରକଳ୍ପରୁ ପାନୀୟ ଜଳ ଦିଆଯାଉଥିଲା ୫ଦିନ ହେଲା ଜଳ ଯୋଗାଣ ବନ୍ଦ ହୋଇଯିବାରୁ ଗ୍ରାମବାସୀମାନେ ନାହିଁନଥିବା ଅସୁବିବିଧାରେ ସମ୍ମୁଖୀନ ହେବା ସହ ଦୟା ଓ ମକରା ନଦୀର ଜଳକୁ ବାଧ୍ୟ ହୋଇ ପାନୀୟ ଭାବେ ବ୍ୟବହାର କରୁଛନ୍ତି ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ର ବିଭାଗର ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ସେ କୁହନ୍ତି ମେସିନ ଖରାପ ହେତୁ ଜଳ ଯୋଗାଣ ହୋଇ ପାରୁନି ବୋଲି କହିଥିଲେ ।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ





ଡେଲାଙ୍ଗ,୬।୬(ସମିସ): ଜଳାଶୟକୁ ପୋତି ପ୍ରାୟ ୮ଡିସିମିଲ ସରକାରୀ ଜମିକୁ ଦୀର୍ଘ ଦିନଧରି ଗ୍ରାମର ୨ପରିବାର ଜବରଦଖଲ କରିଥିବା ବେଳେ ଡେଲାଙ୍ଗ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜବର ଦଖଲ ଉଚ୍ଛେଦ କରାଯାଇଛି । ବେରବୋଇ ପଞ୍ଚାୟତ ଉଦୟପୁର ଗୌଡ଼ସାହିରେ ସରକାରୀ ଜମିରେ ବେଆଇନ ଭାବେ ଶୌଚାଳୟ ନିର୍ମାଣ କରିବା, ନଡ଼ିଆ ଗଛ ଲଗାଇ ପଥର ଓ ତାରବାଡ଼ ଦ୍ୱାରା ଆବଦ୍ଧ କରାଯାଇଥିଲା । ଏହାକୁ ଗ୍ରାମବାସୀ ବିରୋଧ କରିବା ସହ ଡେଲାଙ୍ଗ ତହସିଲଦାର ଓ ଉପ ଜିଲ୍ଲାପାଳଙ୍କ ନିକଟରେ ଜବରଦଖଲ ଉଚ୍ଛେଦ ପାଇଁ ଅଭିଯୋଗ ହୋଇଥିଲା । ତହସିଲ ପକ୍ଷରୁ ଜବରଦଖଲକାରୀଙ୍କୁ ଉକ୍ତ ଜମିକୁ ଜବରଦଖଲମୁକ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ପ୍ରତିପକ୍ଷ ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କୋର୍ଟ ପକ୍ଷରୁ ରହିତାଦେଶ ଆଦେଶ ଜାରି ହୋଇଥିଲା । ରହିତାଦେଶ ଆଦେଶ ସମାପ୍ତ ହେବା ପରେ ଆଜି ତହସିଲ ପକ୍ଷରୁ ଉକ୍ତ ସ୍ଥାନରେ ବୁଲଡୋଜର ଲଗାଇ ଉକ୍ତ ଜମିକୁ ଜବରଦଖଲ ମୁକ୍ତ କରାଯାଇଛି । ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ନାରାୟଣ ମହାରଣା, ରାଜସ୍ୱ ନିରୀକ୍ଷକ ଶୁଭ୍ରନାରାୟଣ ଦାଶ, ସୁପରଭାଇଜର ଅଭିଲପ୍ସା ପାଣ୍ଡି, ବିରଞ୍ଚି ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ଏସ ଆଇ ସୁଧାଂଶୁ ବାରିକଙ୍କ ସହିତ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ।

## ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୁର ମହାସଂଘର ବିକ୍ଷୋଭ




ନିମାପଡ଼ା,୬।୬(ସମିସ): ସୋମବାର ପୁରୀ ଜିଲ୍ଲା ନିମାପଡ଼ା ଦୋଳବେଦୀ ଛକ ନିକଟରେ ମୁଖ୍ୟ ରାସ୍ତା ଠାରେ ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୁର ମହାସଂଘ ପକ୍ଷରୁ ୨ ଦଫା ଦାବି ନେଇ ନିମାପଡ଼ା ଇଲେକ୍ଟ୍ରିଡିଭିଜନ କାର୍ଯ୍ୟାଳୟ ଠାରେ ପହଞ୍ଚି ମଜଦୁର ଡିଭିଜନ ସଭାପତି ଶୁଭ୍ରାଂଶୁ କୁଣ୍ଡୁଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଦାବିଗୁଡ଼ିକ ମଧ୍ୟରେ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ବେଆଇନ ଛଟେଇ ବନ୍ଦ କରିବା ଆଦି ରହିଛି । ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୁର ମହାସଂଘ ଅନୁବନ୍ଧିତ ଭାରତୀୟ ମଜଦୂର ମହାସଂଘ ନିମାପଡ଼ା ବିଦ୍ୟୁତ ଡିଭିଜନ ସଦସ୍ୟମାନେ ଛଟେଇ ଉପରେ ରୋକ ଲଗାଇବା ସହ ଛଟେଇ ହୋଇଥିବା ସଦସ୍ୟଙ୍କୁ ପୁନଃ ନିଯୁକ୍ତି କରାଯାଉ ବୋଲି ଦାବି କରିଛନ୍ତତ । । ଯଦି ଏହା ଉପରେ କୌଣସି ପଦକ୍ଷେପ ନ ନିଆଯାଏ ତେବେ ଆସନ୍ତା ୧୮ ତାରିଖରେ ଭାରତୀୟ ମଜଦୂର ମହାସଂଘ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରିବ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବି ପତ୍ରକୁ ନିମାପଡ଼ା ଟିପିକୋଡଲ ଡିଭିଜନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଦିଆଯାଇଛି । ଏହି ଦାବି ପତ୍ରକୁ ସମସ୍ତ ବିଭାଗୀୟ ଟିପିକୋଡଲ ଓ ଇଲେକ୍ଟ୍ରି ଡିଭିଜନ ଅଧିକାରୀମାନଙ୍କୁ ଅବଗତ କରାଯାଇଥିବା କଥା ସଭାପତି କହିଛନ୍ତି ।ଏଥିରେ ସମସ୍ତ ମଜଦୂର ମହାସଂଘ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

● ‘ସହାୟ’ ଏବେ ଅସହାୟ

## ନାଲିଫିତା ତଳେ ଭିକାରି ଥଇଥାନ ଯୋଜନା

ଗଣିଆ,୬।୬(ସମିସ): ଦିନକୁ ଦିନ ଭିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । କିଏ ପେଟ ପାଟଣା ପାଇଁ ଭିକ ମାଗୁଛି ତ ଆଉ କିଏ ଏହାକୁ ପେସା ଭାବେ ଆପଣାଇ ନେଇଛି । କେବଳ ପୁରୁଷ ନୁହେଁ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ମହିଳା ମାନେ ମଧ ଭିକ୍ଷା ବୃତ୍ତି କରୁଛନ୍ତି । ଖଟିଖିଆ, ଗରିବ, ଭିକାରୀ ମାନଙ୍କୁ ଥଇଥାନ କରିବାକୁ ସରକାରଙ୍କ ତରଫରୁ ଅନେକ ଯୋଜନା ହେଉଛି । ଆନ୍ତରିକତାର ଅଭାବ ଯୋଜନା ରୂପାୟନରେ ଅନ୍ତରାୟ ସୃଷ୍ଟି ହେଉଛି । ଏମାନଙ୍କୁ ମୁଖ୍ୟ ସ୍ରୋତକୁ ଫେରାଇ ଆଣିବାକୁ ସରକାର ୨୦୧୭ ମସିହାରେ ‘ସହାୟ’ ନାମକ ଏକ ଯୋଜନାର ଶୁଭାରମ୍ଭ କରିଥିଲେ । ଏହି ଯୋଜନା ଏବେ ସରକାରଙ୍କ ନାଲିଫିତା ତଳେ ବନ୍ଧା ହୋଇଛି । ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାରେ ୬୫୫୦ ଜଣ ଭିକ୍ଷୁକ ଚିହ୍ନଟ କରାଯାଇଥିଲା । ସେଥିମଧ୍ୟରୁ ୩୮୫୦ ଜଣ ପୁରୁଷ ଓ ୨୭୦୦ ଜଣ ମହିଳା । ତତ୍କାଳୀନ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ୨୦୧୭ ମସିହାରେ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଭିକାରୀ ଥଇଥାନ କରିବାକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶରେ ଉଲ୍ଲେଖ ଥିଲା ଯେ ମନ୍ଦିର, ପର୍ଯ୍ୟଟନସ୍ଥଳୀ ଓ ଅନ୍ୟାନ୍ୟ ସ୍ଥାନରେ ଭିକ୍ଷା ବୃତ୍ତି କରୁଥିବେ ସେମାନଙ୍କୁ ଜିଲ୍ଲାପାଳ ଚିହ୍ନଟ କରି ସେମାନଙ୍କୁ ସରକାରଙ୍କ ବାସଗୃହ ଥଇଥାନ ଯୋଜନାରେ ସରକାରୀ ଜମିରେ ଥଇଥାନ କରାଯିବ । ସେମାନଙ୍କୁ ଆଧାରକାର୍ଡ ଏବଂ ଖାଉଟି କାର୍ଡ ପ୍ରଦାନ କରି ଭିକ୍ଷା ବୃତ୍ତି ଠାରୁ ଦୂରେଇ ଦିଆଯିବ । ମାନସିକ ବିଷାଦଗ୍ରସ୍ତ ଲୋକଙ୍କୁ ଚିହ୍ନଟ କରି ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯିବ । ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଯନ୍ତ୍ରପାତି ଓ ଉପକରଣ ଦେଇ ସ୍ୱାବଲମ୍ବୀ କରାଯିବ । ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ସହିତ ଉଚ୍ଚ ଶିକ୍ଷା ପ୍ରଦାନ କରାଯିବ । ମହିଳା ଭିକାରୀଙ୍କୁ ସୁଧାର ଗୃହରେ ରଖି ସହାୟତା ପ୍ରଦାନ କରାଯିବ । ସରକାରଙ୍କ ସବୁ ନିର୍ଦ୍ଦେଶନାମା ଏବେ କାଗଜପତ୍ରରେ ସୀମିତ ରହିଛି । ସହାୟ ଯୋଜନା ଏବେ ଅସହାୟ ପାଲଟିଛି । ଫଳରେ ଜିଲ୍ଲା ଠାରୁ ବ୍ଲକ ଗାଁ ପର୍ଯ୍ୟନ୍ତ ଭିକାରୀ ମାନେ ଦ୍ୱାର ଦ୍ୱାର ବୁଲି ଭିକ୍ଷା ବୃତ୍ତି କରୁଛନ୍ତି । ଅନେକ ପାଗଳ ଭିକାରୀ ଲୋକଙ୍କ ଠାରୁ ଖାଇବା ଛଡେଇ ନେଇ ଖାଉଛନ୍ତି । ତେବେ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

● ସାଇ ବିଦ୍ୟା ମନ୍ଦିରରେ ଗ୍ରୀଷ୍ମ ଶିବିର ଉଦ୍‌ଘାଟିତ

## ପିଲାଙ୍କ ସାମଗ୍ରିକ ବିକାଶରେ ସହାୟକ ହେବ ଗ୍ରୀଷ୍ମ ଶିବିର

ପୁରୀ,୬।୬(ସମିସ): ତାଳବଣିଆସ୍ଥିତ ଅଗ୍ରଣୀ ପ୍ରାଥମିକ ବିଦ୍ୟାଳୟ ସାଇ ବିଦ୍ୟା ମନ୍ଦିରରେ ୧୦ ଦିନିଆ ଗ୍ରୀଷ୍ମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମ ଆରମ୍ଭରେ ଶିକ୍ଷିକା ମୋନାଲିସା ଦତ୍ତ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ପରେ ଶିବିର ମେଣ୍ଟର ବିନୋଦିନୀ ଗୌଡ଼ା କାର୍ଯ୍ୟକ୍ରମର ଖସଡ଼ା ସମ୍ପର୍କରେ ସୂଚନା ଦେଇଥିଲେ ।

ଶିଳ୍ପପତି ରାଜକିଶୋର ପାତ୍ର ଏହି ଗ୍ରୀଷ୍ମ ଶିବିରକୁ ଉଦ୍‌ଘାଟନ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପାଠ ସହ ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ, ଭ୍ରମଣ, ନୂଆ ନୂଆ କଥା ଶିଖିବା ଓ ଛୋଟ ପିଲା ପରସ୍ପର ସହ ମିଶି ନିଜ ଆତ୍ମବିଶ୍ୱାସ ବଢାଇବା, ଲାଜୁଆ ସ୍ୱଭାବ ଛାଡିବା ପାଇଁ ଗ୍ରୀଷ୍ମ ଶିବିର ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ ।

ପୁରୀ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶ ଉପରେ ଜୋର୍ ଦେଇଥିଲେ । ବିଶେଷ ଅତିଥି ନୃତ୍ୟଗୁରୁ କୁମାର ଭୀମସେନ ନୃତ୍ୟ, ଯୋଗ, ସଙ୍ଗୀତ, ମେଣ୍ଟାଲ୍ ମାଥ୍, ଓରିଗାମି, ସ୍କିମିଂ, ପପେଟ୍ ଶୋ, ଆଧ୍ୟାତ୍ମିକ ଓ ପରିବେଶୀୟ ଭ୍ରମଣ ଇତ୍ୟାଦି କ୍ରିୟାକଳାପ ଛାତ୍ରଛାତ୍ରୀଙ୍କ ଶାରୀରିକ, ସାମାଜିକ ଓ ଆଧ୍ୟାତ୍ମିକ ବିକାଶରେ କିପରି ସାହାଯ୍ୟ କରେ ତା’ ଉପରେ ଆଲୋକପାତ କରିଥିଲେ ।

ଏହି ଅବସରରେ ମାଆମାନେ ଓ ତାଙ୍କ ଶିଶୁମାନଙ୍କ ଦ୍ୱାରା ଆକର୍ଷଣୀୟ ରାମ୍ପ ଶୋ ଆୟୋଜିତ ହୋଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ବିଦ୍ୟାଳୟର ଉପ ମୁଖ୍ୟ ଶିକ୍ଷକ ଦିଲୀପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷିକା ଅନିତା କୁମାରୀ, ପ୍ରିୟଙ୍କା ବାରିକ ଓ ବୈଶାଳୀ ନାୟକ ସମଗ୍ର କାର୍ଯ୍ୟକ୍ରମକୁ ସଂଚଳନ କରିଥିଲେ । ପ୍ରଶାସନିକ ଅଧିକାରୀ ଦିବ୍ୟାଶ୍ରୀ ବେହେରା ସମସ୍ତ ବ୍ୟବସ୍ଥାକୁ ସୁଚାରୁ ଭାବେ ପରିଚାଳନା କରିଥିଲେ । ବିଦ୍ୟାଳୟରଅଧ୍ୟକ୍ଷଫ୍ଲୋରାଦାସଓଅଧ୍ୟକ୍ଷାମିନାଳୀଦାସଙ୍କନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ବେଶ୍ ସଫଳତାର ସହ ସମ୍ପନ୍ନ ହୋଇଥିଲା ।

## ମହିଳାଙ୍କୁ ଆକ୍ରମଣ ଘଟଣାର ତଦନ୍ତ ଆରମ୍ଭ

ନୟାହାଟ,୬।୬(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ଓଟାଙ୍ଗ ଗ୍ରାମରେ ବିଧବା ମହିଳା ତନୁଲତା ସ୍ୱାଇଁ ଓ ତାଙ୍କର ଦୁଇ ଝିଅଙ୍କୁ ଘରେ ପଶି ଆକ୍ରମଣ ଘଟଣାର ତଦନ୍ତ ଆରମ୍ଭ ହୋଇଛି । ମଙ୍ଗଳବାର ରାତି ୯ଟାରେ ଗୋପ ଥାନା ଅଧିକାରୀ ଦୁର୍ଗା ପ୍ରସାଦ ମହାପାତ୍ର ଓ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଓଟାଙ୍ଗ ଯାଇ ଉଭୟ ପକ୍ଷଙ୍କୁ ପଚରାଉଚରା କରିଥିଲେ । ତନୁଲତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନ ଥିବା ଓ ଏବେ ବି ନାକରୁ ରକ୍ତ ବାହାରୁଥିବା ଦେଖିଥିଲେ । ମୁଦୁଲାମାନେ ପୁଲିସଙ୍କୁ ଦେଖି ପୋଖରୀ ହୁଡ଼ାରେ ଲୁଚି ଯାଇଥିଲେ । ସାକ୍ଷୀମାନଙ୍କୁ ଅଭିଯୁକ୍ତମାନେ ଧମକ ଚମକ ଦେଉଥିବା ତନୁଲତା ସ୍ୱାଇଁ ଜଣାଇଛନ୍ତି ।

## ବିପୁଳ ପରିମାଣର ମଦ ଜବତ; ଜଣେ ଅଟକ

ନୟାହାଟ,୬।୬(ସମିସ): ବିଦ୍ୟାଳୟ ନିକଟରେ ଚୋରାମଦ କାରବାର ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବି ଚେଇଁ ଶୋଇଛି ଅବକାରୀ ବିଭାଗ । ବିଭାଗ ପକ୍ଷରୁ ଚଢ଼ଉ କରାନଯିବାରୁ ମଙ୍ଗଳବାର ରାତି ୯.୩୦ରେ ଗୋପ ଥାନା ଅଧିକାରୀ ଦୁର୍ଗାପ୍ରସାଦ ମହାପାତ୍ର ଓ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ପାଞ୍ଚଣା ପ୍ରାଥମିକ ବିଦ୍ୟାଳୟ ପାଚେରିକୁ ଲାଗି ରହିଥିବା ମକରା ବେହେରାଙ୍କ କ୍ୟାବିନ୍‌ରେ ଚଢ଼ଉ କରିଥିଲେ । ସେଠାରୁ ବିପୁଳ ପରିମାଣର ନକଲି ମଦ ଜବତ କରିବା ସହ ତୁରନ୍ତ ବିଦ୍ୟାଳୟ ପାଚେରି ପାଖରୁ କ୍ୟାବିନ ଉଠାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ । ମଦବ୍ୟବସାୟୀ ମକରାକୁ ପୁଲିସ ଅଟକ ରଖି ପଚରାଉଚରା କରୁଛି ।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ନିମାପଡ଼ା,୬।୬(ସମିସ): ନିମାପଡ଼ା ବ୍ଲକ୍ ଭୋଗଶାଳଦା ପଞ୍ଚାୟତ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସାଇଲୋର ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ତଥା ଅଞ୍ଚଳପାଇଁ ଗୌରବ ଆଣିଛନ୍ତି । ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୫୪୪ ନମ୍ବର ରଖିଛନ୍ତି । ତଡ଼ଣା ଗ୍ରାମର ମାମିନା ଲେଙ୍କା ଓ ସ୍ୱର୍ଗତଃ ମନୋଜ କୁମାର ଲେଙ୍କାଙ୍କ ଝିଅ ଆଦ୍ୟାଶା ପ୍ରିୟଦର୍ଶିନୀ ଲେଙ୍କା । ସେ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ । ଏ ୧ରେ ଉତ୍ତୀର୍ଣ୍ଣ ହୋଇଥିବାରୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ସହପାଠୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଆଦ୍ୟାଶା ଲେଙ୍କା ଓ ଶାଶ୍ୱତୀ ଖୁଣ୍ଟିଆ ୫୦୨ ନମ୍ବର ରଖିଥିବାରୁ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ମହାନ୍ତି, ଅତିଥି ଶିକ୍ଷକ ଆଦୈତ୍ୟ କୁମାର ଖୁଣ୍ଟିଆ, ପ୍ରଭାତୀ ମହାପାତ୍ର, ଶିବସୁନ୍ଦର ଦାସ, ନରେନ୍ଦ୍ର ଖୁଣ୍ଟିଆ, ପ୍ରଶାନ୍ତ କୁମାର ନାୟକ, କଳିଙ୍ଗ ପ୍ରସାଦ ନାୟକ, ଧୀରେନ୍ଦ୍ର ବସ୍ତିଆଙ୍କ ସମେତ ଅନେକ ବୁଦ୍ଧିଜୀବୀ ତଥା ଶିକ୍ଷାବିତ ଯୋଗ ଦେଇଥିଲେ । ଉକ୍ତ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଆଗକୁ ଯିବା ସହିତ ମେଧାବୀ ଛାତ୍ର ଛାତ୍ରୀ ଅଧିକ ଏ୧ପାଇବେ, ସେଥିପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ଚେଷ୍ଟା ଜାରି ରଖିବାକୁ ଉପସ୍ଥିତ ଅତିଥି ମାନେ ପରାମର୍ଶ ଦେଇଥିଲେ ।

# ମୁଗ, ବିରିର ଅଭାବୀ ବିକ୍ରି: ମଣ୍ଡି ଖୋଲିବାକୁ ଦାବି

ବଳଙ୍ଗା,୬।୬(ସମିସ)



ଚଳିତ ବର୍ଷ କମ୍ ବର୍ଷା ଯୋଗୁଁ ବ୍ୟାପକ ଧାନ, କୋବି ଫସଲ ସେତେ ଭଲ ହୋଇନାହିଁ । ମୁଗ, ବିରି ଚାଷରୁ କିଛି ଭରଣା ପାଇଁ ପ୍ରାୟ ପ୍ରତ୍ୟେକ ଚାଷୀ ଏହି ଫସଲ ଚାଷ କରିଛନ୍ତି । ଏଥିରେ ଖର୍ଚ୍ଚ ତୁଳନାରେ ଅଧିକ ଲାଭ ମିଳିଥାଏ । ଆବଶ୍ୟକତା ଅନୁଯାୟୀ ସରକାରୀ ବିହନ ନମିଳିବାରୁ ବଜାରରୁ ଖାଉଟି ମୁଗ, ବିରି କ୍ରୟ କରି ଚାଷ କରିଛନ୍ତି । ବିହନ ଉନ୍ନତ ମାନର ଓ ବିଶୋଧିତ ହୋଇ ନଥିବାରୁ ରୋଗ ପୋକ ଲାଗି କିଛି ପରିମାଣର ନଷ୍ଟ ହୋଇଯାଇଛି । ବ୍ୟବସାୟୀଙ୍କ ପରାମର୍ଶରେ ସାର୍, କୀଟନାଶକ ବ୍ୟବହାର କରିଥିଲେ ମଧ୍ୟ ତାହା ବିଶେଷ ଫଳପ୍ରଦ ହେଉନଥିବା ବେଳେ ଅନେକ ଚାଷୀ ଅଯଥା ଖର୍ଚ୍ଚାନ୍ତ ହୋଇଥିବା ପ୍ରକାଶ କରିଥିଲେ । ଅମଳ ସମୟରେ ପଶ୍ଚିମା ଝଡ଼ ଓ ବର୍ଷାରେ ଫସଲ ନଷ୍ଟ ହୋଇଥିଲେ ମଧ୍ୟ ଆଶା ଜନକ ଅମଳ ହୋଇଥିବା ଜଣାପଡିଛି । ବର୍ତ୍ତମାନ ଦେଖାଦେଇଛି ବିକ୍ରି ସମସ୍ୟା । ଉପରେ ଚାହିଦା ନଥିବା, ମୁଗ, ବିରିର ମାନ ଭଲ ନଥିବା ପ୍ରଭୃତି ବିଭିନ୍ନ କାରଣ ଦର୍ଶାଇ ବ୍ୟବସାୟୀ କ୍ୱିଣ୍ଟାଲ ପାଞ୍ଚ ହଜାର ଟଙ୍କା ମଧ୍ୟରେ କ୍ରୟ କରୁଥିଲେ ମଧ୍ୟ ଏକ କାଳୀନ ଟଙ୍କା ନ ଦେଇ ବାକି ରଖୁଥିବା ଜଣାପଡ଼ିଛି । ଖରିଫ ଧାନ ଚାଷ, ପରିବାର ଖର୍ଚ୍ଚ ଯୋଗୁଁ ଚାଷୀ ବାଧ ହୋଇ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ମୁଗ, ବିରି ପ୍ରାୟ ତିନି ହଜାର ହେକ୍ଟର ଜମିରେ ଚାଷ ହୋଇଥିବା ଆକଳନ କରାଯାଇଛି । ଧାନ ମଣ୍ଡି ଭଳି ମଣ୍ଡି ଖୋଲି ସରକାରୀ ଦରରେ ମୁଗ, ବିରି କ୍ରୟ କରିବା ନିମନ୍ତେ ଜିଲ୍ଲା ପାଳ, ଜିଲ୍ଲା କୃଷି ଅଧିକାରୀ ଦୃଷ୍ଟି ଦେବାକୁ ଭରତ ଚନ୍ଦ୍ର ବାରିକ, ବାଞ୍ଛାନିଧି ସାହୁ, ବିକାଶ ପତି, ପ୍ରଭୃତି ଥାନା ଅନ୍ତର୍ଗତ ୧୭ ଟି ପଞ୍ଚାୟତର ଅନେକ ଚାଷୀ ଦାବି କରିଛନ୍ତି ।




# ରାଜେନ୍ଦ୍ର ସାହୁ ହେଲେ ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି



ଖୋର୍ଦ୍ଧା,୬।୫(ସମିସ): ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଆଜି ଖୋର୍ଦ୍ଧା ଏବଂ ବାଲେଶ୍ୱର ସାଂଗଠନିକ ଜିଲ୍ଲାର ଜିଲ୍ଲା ସଭାପତି ଘୋଷଣା କରିଛନ୍ତି। ଏହି ପରିପେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ପାଇଁ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଙ୍କୁ ମନୋନୀତ କରାଯାଇଛି। ଶ୍ରୀ ସାହୁ ପୂର୍ବରୁ ଖୋର୍ଦ୍ଧାରେ ଦୁଇ ଥର ଏବଂ ବେଗୁନିଆରେ ଥରେ ମୋଟ ତିନିଥର ବିଜୁ ଜନତା ଦଳ ର ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ।

ଶ୍ରୀ ସାହୁ ଖୋର୍ଦ୍ଧା ପୌରପାଳିକାର କାଉନ୍ସିଲର ରୁ ଆରମ୍ଭ କରିଥଲେ ରାଜନୈତିକ ଜୀବନ ଯାତ୍ରା। ପରେ ଶ୍ରୀ ସାହୁ ଖୋର୍ଦ୍ଧା ପୌରପରିଷଦର ପୌରାଧ୍ୟକ୍ଷ, ୩ଥର ର ବିଧାୟକ, ଦୁଇଥର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରହିଥିଲେ। ଏପରିକି ବିଜେଡି ର ଅନେକ ସାଂଗଠନିକ ପଦ ପଦବୀ ରହି ନିଜର ସାଂଗଠନିକ ଦକ୍ଷତା ପ୍ରଦର୍ଶନ କରିବା ସହ ବିଜୁ ଜନତା ଦଳ ଏବଂ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପ୍ରତି ନିଜର ଆନୁଗତ୍ୟ ବଜାୟ ରଖିଛନ୍ତି। ତାଙ୍କର ସାଂଗଠନିକ ଦକ୍ଷତା ଯୋଗୁଁ ଖୋର୍ଦ୍ଧା ବ୍ଲକ, ଟାଙ୍ଗୀ ବ୍ଲକ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ, ବେଗୁନିଆ ବ୍ଲକ, ବୋଲଗଡ ବ୍ଲକ, ଖୋର୍ଦ୍ଧା ପୌରପରିଷଦ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ବିଜେଡି ପାଇଛି। ଶ୍ରୀ ସାହୁ ବିଜେଡି ଜିଲ୍ଲା ସଭାପତି ପଦ ପାଇବା ପରେ ରାଜ୍ୟ ସଭା ସାଂସଦ ମାନସ ମଙ୍ଗରାଜ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଜିଲ୍ଲାରେ ବିଜେଡି ସଂଗଠନ କୁ ଆହୁରି କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଶେକ ସିଂ ସାମନ୍ତ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି କ୍ୟାପଟେନ ମନ୍ମଥ କୁମାର୍ ରାଉତରାୟ ମଧ୍ୟ ଜିଲ୍ଲା କାର୍ଯ୍ୟକାରୀ ସଭାପତି ରୂପେ ନବୀନ ପଟ୍ଟନାୟକଙ୍କ ଦ୍ୱାରା ମନୋନୀତ ହୋଇଛନ୍ତି । ତେବେ ଜିଲ୍ଲା ସଭାପତିଭାବେ ଶ୍ରୀ ସାହୁ ଓ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭାବେ ଶ୍ରୀ ରାଉତରାୟଙ୍କୁ ମନୋନୀତ କରାଯାଇଥିବାରୁ ଦୁହେଁ ରାଜ୍ୟ ସଭାପତି ଶ୍ରୀ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଶ୍ରୀ ସାହୁ ନିଜ ପରିବାର ସହିତ ରାଜ୍ୟ ବାହାରେ ଏକ କାର୍ଯ୍ୟକ୍ରମ ରେ ଥିବାରୁ ଆସନ୍ତା ୧୨ତାରିଖ ଦିନ ଫେରିବାର କାର୍ଯ୍ୟକ୍ରମ ରହିଛି। ତେଣୁ ଶ୍ରୀ ସାହୁ ଙ୍କ ନେତୃତ୍ୱରେ ଆଗାମୀ ପଂଚାୟତ ଏବଂ ପୌରାଂଚଳ ନିର୍ବାଚନ ରେ ବିଜେଡି ଜିଲ୍ଲାରେ ଭଲ ପ୍ରଦର୍ଶନ କରିବ ବୋଲି ଏବେଠାରୁ ଅନୁମାନ କରାଯାଉଛି।

# ଚିଲିକାରେ ବିନା ଲାଇଫ୍ ଜ୍ୟାକେଟରେ ଯାତ୍ରୀଙ୍କୁ ଡଙ୍ଗାରେ ଯାତାୟାତ ମନା

ଖୋର୍ଦ୍ଧା/ବାଲୁଗାଁ,୬।୫(ସମିସ) :



ଗ୍ରୀଷ୍ମ ଋତୁରେ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ପ୍ରାୟତଃ କାଳ ବୈଶାଖୀ ଏବଂ ଘୂର୍ଣ୍ଣି ବାତ୍ୟାର ତାଣ୍ଡବ ଦେଖିବାକୁ ମିଳୁଛି। ବିଗତ ଦିନରେ କାଳବୈଶାଖୀ ପ୍ରଭାବରେ ଏସିଆ ମହାଦେଶର ସର୍ବବୃହତ ଲବଣାକ୍ତ ହ୍ରଦ ନିଳାମ୍ବୁ ଚିଲିକା ଭିତରକୁ ଯାଇଥିବା କେତେକ ଯାତ୍ରୀବାହି ଡଙ୍ଗା ଦୁର୍ଘଟଣାଗ୍ରସ୍ତ ହୋଇ ବହୁ ଧନ ଜୀବନ ନଷ୍ଟ ହୋଇ ଥିବାର ଅନେକ ନଜିର ରହିଛି। ଏହାକୁ ନଜରରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚିଲିକା ହ୍ରଦରେ ଯାତ୍ରୀ ମାନେ ଡଙ୍ଗାରେ ସୁରକ୍ଷିତ ଯାତାୟାତ ଲାଗି ଡଙ୍ଗା ନିୟମ ୨୦୦୪ କୁ କଡାକଡି ଭାବେ ଲାଗୁ କରାଯାଇଛି। ନିୟମ ଅନୁଯାୟୀ ସମସ୍ତ ଯାତ୍ରୀବାହୀ ଡଙ୍ଗାର ଲାଇସେନ୍ସ ରହିଥିବା ବାଧ୍ୟତାମୂଳକ ହୋଇ ଥିବା ବେଳେ ଯାତ୍ରୀମାନେ ଲାଇଫ ଜ୍ୟାକେଟ ପରିଧାନ କରି ଲାଇଫ ବଏ ଆଦି ସୁରକ୍ଷା ସାମଗ୍ରୀ ସାଙ୍ଗରେ ନେଇ ଚିଲିକା ଭିତରକୁ ଡଙ୍ଗାରେ ଯାତ୍ରା କରିବା ଲାଗି ପ୍ରଶାସନ ପକ୍ଷରୁ କଟକଣା ଲାଗୁ କରାଯାଇଛି। ହେଲେ ପ୍ରଶାସନ ପକ୍ଷରୁ ନିୟମିତ ଭାବେ କଡାକଡି ଯାଞ୍ଚ ନ ହେବା ଫଳରେ ଏହାର ସୁଯୋଗ ନେଇ ଯାତ୍ରୀ ଓ ଡଙ୍ଗା ଚାଳକ ଏହାକୁ ଗୁରୁତ୍ୱ ନଦେଇ ବିନା ଲାଇଫ ଜ୍ୟାକେଟରେ ଚିଲିକା ହ୍ରଦରେ ଡଙ୍ଗା ଚଳାଚଳ କରୁଥିବା ଅଭିଯୋଗ ହେଉଛି। ଏପରି ସ୍ଥଳେ ବର୍ତ୍ତମାନ କଛି ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନ ସହିତ ଖୋର୍ଦ୍ଧା ଜିଲ୍ଲାର ଚିଲିକା ଅଞ୍ଚଳରେ କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ମିଳୁଛି। ତତସହିତ କିଛି ଦିନ ପୂର୍ବେ ଜବଲପୁର ବୋଟ ଦୁର୍ଘଟଣା ପରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବର୍ତ୍ତମାନ ଗ୍ରୀଷ୍ମଋତୁ ସମୟରେ ପ୍ରାୟତଃ କାଳ ବୈଶାଖୀ ଓ ଘୂର୍ଣ୍ଣି ବାତ୍ୟା ଘଟୁଥିବାରୁ ଚିଲିକା ହ୍ରଦରେ ଯାତ୍ରୀବାହୀ ଡଙ୍ଗା ଓ ବୋଟ ଚଳାଚଳ ସମୟରେ ଯାତ୍ରୀ ମାନଙ୍କ ଜୀବନ ପ୍ରତି ବିପଦ ଥିବା ସହିତ ଆଗକୁ ଆସୁଥିବା ମୌସୁମୀ ବର୍ଷାର ପ୍ରତିକୂଳ ପାଗ ପାଇଁ ଦୁର୍ଘଟଣାର ଆଶଙ୍କା ବହୁ ଅଧିକ ରହିଛି। ଏପରି ସ୍ଥଳେ ଚିଲିକାରେ ଯାତ୍ରୀ ମାନଙ୍କର ସୁରକ୍ଷିତ ଯାତ୍ରା ଓ ସେମାନଙ୍କ ଜୀବନ ସୁରକ୍ଷା ନିମନ୍ତେ ଡଙ୍ଗା ଓ ବୋଟ୍ ମାଲିକ ଓ ଚାଳକ ମାନେ ବିଭିନ୍ନ ସୁରକ୍ଷିତ ପଦକ୍ଷେପ ନେବାର ଆବଶ୍ୟକତା ବାଧ୍ୟତାମୂଳକ ହୋଇ

## ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଜାରି

ପଡିଛି। ଏହାକୁ ନଜରରେ ରଖି ବର୍ତ୍ତମାନ ଓଡିଶା ସରକାରଙ୍କ ବୋଟ, ଡଙ୍ଗା, ନୌକା ନିୟମ ୨୦୦୪କୁ ବୋଟ୍ ମାଲିକ ଓ ଚାଳକ ମାନେ କଡାକଡି ଭାବେ ପାଳନ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନିୟମ ଅନୁଯାଇ ଚିଲିକା ଭିତରକୁ ଡଙ୍ଗା ଓ ବୋଟରେ ପ୍ରବେଶ କରିବା ପୂର୍ବରୁ ଡଙ୍ଗା ମାଲିକ ଓ ଚାଳକ ମାନେ ସମସ୍ତ ଯାତ୍ରୀଙ୍କୁ ଲାଇଫ ଜ୍ୟାକେଟ ପରିଧାନ କରିବାକୁ ବାଧ କରିବା ସହ ଯାତ୍ରା ସମୟରେ ଡଙ୍ଗାରେ ସୁରକ୍ଷା ବଳୟ ତଥା ଲାଇଫ ବଏ ନେବା ବାଧ୍ୟତା ମୂଳକ ହୋଇ ଥୀବା ବେଳେ ଡଙ୍ଗା ଓ ବୋଟ୍ ରେ ଯାତ୍ରୀ ମାନଙ୍କ ସଂଖ୍ୟା ଧାର୍ଯ୍ୟ କ୍ଷମତା ଓ ସାମର୍ଥ୍ୟ ଠାରୁ କୌଣସି ମତେ ଅଧିକ ହେବା ଅନୁଚିତ। ଏହି ନିୟମକୁ ବୋଟ୍ ମାଲିକ ଓ ଚାଳକ ମାନେ ସତର୍କତାର ସହ ପାଳନ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇ ଥିବା ବେଳେ ଏହି ନିୟମ ଉଲଂଘନ ବା ବ୍ୟତିକ୍ରମ କଲେ ଡଙ୍ଗାର ଲାଇସେନ୍ସ ରଦ୍ଦ କରିବା ସହ ଓଡିଶା ବୋଟ୍ ନିୟମ ୨୦୦୪ ଅନୁଯାୟୀ ସେମାନଙ୍କ ବିରୁଦ୍ଧରେ ଆଇନ ଗତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲୁଗାଁ କାଳିଯାଇ ମୋଟର ବୋଟ ସଂଘର ସଭାପତି, ବଡକୂଳ ମା" କାଳୀଯାଇ ଶ୍ରମିକ ସଂଗଠନ ଓ ବଡକୂଳ ମଟରବୋଟ ଆସୋସିଏସନ ସମେତ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୁଚନା ଦିଆଯାଇଛି।

# ମାଟ୍ରିକ ବ୍ଲକ ଟପ୍ପର ଗୁରୁପ୍ରସାଦଙ୍କୁ ସମ୍ବର୍ଦ୍ଧନା



ନିରାକାରପୁର,୬।୫ (ସମିସ):

ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରମାବିଲି ରାମଚନ୍ଦ୍ର ବିଦ୍ୟାନିକେତନର ଛାତ୍ର ଗୁରୁ ପ୍ରସାଦ ଶତପଥୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବ୍ଲକ ଟପ୍ପର ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ବିଦ୍ୟାଳୟ ପରିସରରେ ନିରାକାରପୁର 'ସହଯୋଗ' ପରିବାର ତରଫରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧିତ କରାଯାଇଛି। ସହଯୋଗ ପରିବାରର ବରିଷ୍ଠ ସକ୍ରିୟ ସଭ୍ୟ ଅଧ୍ୟାପକ ଶ୍ୟାମ ସୁନ୍ଦର ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ପାଇକରାୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ଶିକ୍ଷକ ଗୋଦାବରୀଶ ସାମନ୍ତସିଂହାର, ନରେନ୍ଦ୍ର ପାଇକରାୟ, ନାରାୟଣ ପାତ୍ର, ସୁକାନ୍ତି ବିଶୋଇ, ଶରତ ଚନ୍ଦ୍ର ଛୋଟରାୟ, ପ୍ରଭାତ କୁମାର ମଙ୍ଗରାଜ, ମାନସ କୁମାର ପାହାଡସିଂହ, ଅକ୍ରୁର ସାମନ୍ତରାୟ, ରଶ୍ମି ରଞ୍ଜନ ପ୍ରଧାନ ଓ ମୁରଲୀଧର ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସହଯୋଗ ପରିବାରର ଆବାହକ ହିମାଂଶୁ ଭୁଷଣ ଚମ୍ପତିରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା।

# ଡମଣଭୂମି ସରକାରୀ ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ନିରାକାରପୁର,୬।୫ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଡମଣଭୂମି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୪୩ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନଙ୍କ ମଧ୍ୟରୁ ଛାତ୍ରୀ ଲୋପାମୁଦ୍ରା ସାହୁ ୫୫୦ ନମ୍ବର ରଖି 'ଏ-୧' ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ପ୍ରଧାନ ଶିକ୍ଷକଙ୍କ ପକ୍ଷରୁ ତାଙ୍କୁ ୫୦୦୦ ଟଙ୍କାର ଅର୍ଥରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଛି। ଏଥିସହିତ ଅନ୍ୟ ୩ ଜଣ ଛାତ୍ରଛାତ୍ରୀ 'ଏ-୨' ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଲୋକ ଚକ୍ରବର୍ତ୍ତୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନୋଦ କୁମାର ଭୋଳ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ରଞ୍ଜନ କୁମାର ଭୋଳ, ନେତ୍ରାନନ୍ଦ ପ୍ରଧାନ, ସମିତି ସଭ୍ୟ ନିରଞ୍ଜନ ରଥ, ପ୍ରଶାନ୍ତ ଜଗଦେବ, ପ୍ରିୟବ୍ରତ ଭୋଳ ପ୍ରମୁଖ ଯୋଗ ଦେଇଥିଲେ।

● ମାଟ୍ରିକ ପରୀକ୍ଷାରେ ଖୋର୍ଦ୍ଧା ଜିଲ୍ଲାର ସଫଳତା

# ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଓଷ୍ଟାର ସମ୍ବର୍ଦ୍ଧନା

ଖୋର୍ଦ୍ଧା,୬।୫(ସମିସ): ମାଟ୍ରିକ ପରୀକ୍ଷାରେ ଖୋର୍ଦ୍ଧାଜିଲ୍ଲା ର ସଫଳତା ନେଇ ଓଷ୍ଟା ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ କର୍ମକର୍ତ୍ତା ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼ ପ୍ରଜ୍ଞା ପରମିତା ଜେନା, ରଶ୍ମିବାଳା ପରିଡା, ବିଜୟ କୁମାର ବେହେରାଙ୍କ ସମେତ ଖୋର୍ଦ୍ଧା ବ୍ଲକ୍ ଶିକ୍ଷାଧିକାରୀ ଯାଜ୍ଞସେନୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତୁଳନାତ୍ମକ ଭାବରେ ୨୦୨୪, ୨୦୨୫ ଫଳାଫଳ ଠାରୁ ୨୦୨୬ ର ଫଳାଫଳରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଥିଲା। ବିଶେଷ ଭାବରେ ଏ-୧,ଏ-୨,ବି-୧,ବି-୨ ଏବଂ ପାସ୍ ହାରରେ ବିଗତ ବର୍ଷମାନଙ୍କ ଠାରୁ ଚଳିତ ବର୍ଷ ବୃଦ୍ଧି ଘଟିଛି। ରାଜ୍ୟର ପାସ୍ ହାର ଶତକଡା ୯୫.୩୩ ହୋଇଥିବାବେଳେ ଖୋର୍ଦ୍ଧା ଜିଲ୍ଲାର ପାସ୍ ହାର ଶତକଡା ୯୭.୧୭ ହୋଇଛି। ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଡ଼ ଜେନା ଖୁବ୍ ଶୀଘ୍ର ଏହା ଉପରେ ସମୀକ୍ଷା କରାଯାଇ ଚଳିତ ବର୍ଷ ପାଇଁ ଯୋଜନା ପ୍ରସ୍ତୁତି କରାଯିବ ବୋଲି କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ବର୍ଷ କିଭଳି ଭାବରେ ଅଧିକରୁ ଅଧିକ ଉନ୍ନତିହେବ ସେ ଦିଗରେ ଓଷ୍ଟା ତରଫରୁ ବିଭିନ୍ନ ପ୍ରସ୍ତାବ ଦିଆଯିବା ସହିତ ସହଯୋଗ କରାଯିବ ବୋଲି ଜିଲ୍ଲା ସମ୍ପାଦକ



ସୁଧାକର ମହାପାତ୍ର ପ୍ରକାଶ କରିଛନ୍ତି। ଜିଲ୍ଲା ସମ୍ପାଦକ ଶ୍ରୀ ମହାପାତ୍ରଙ୍କ ନେତୃତ୍ୱରେ ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ପ୍ରକାଶ ପଲାଇ, ରାଜ୍ୟ ସମ୍ପାଦକ ରାମାକାନ୍ତ ମହାପାତ୍ର, ଖୋର୍ଦ୍ଧା ବ୍ଲକ୍ ସମ୍ପାଦକ ଶରତ ଚନ୍ଦ୍ର ରାଉତ, ଜଟଣୀ ବ୍ଲକ୍ ସଭାପତି ସନ୍ତୋଷ କୁମାର ମିଶ୍ର, ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ ନିରଞ୍ଜନ ସାହୁ ଓ ସନ୍ତୋଷ କୁମାର ପଟ୍ଟନାୟକ, ଶିକ୍ଷକ ଚିତରଞ୍ଜନ ବରାଳ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

● ଛତ୍ରପଡା ଶ୍ରୀରାମଲୀଳା ଯାତ୍ରା

# ଦ୍ୱିତୀୟ ରଜନୀରେ ଶିବଧନୁ ଭଗ୍ନ, ସୀତାବିବାହ ଓ ପର୍ଶୁରାମଭେଟ



ଖୋର୍ଦ୍ଧା/ବେଗୁନିଆ,୬।୫(ସମିସ): ବେଗୁନିଆ ବ୍ଲକ ଛତ୍ରପଡା ଗ୍ରାମରେ ଶ୍ରୀ ରାମଲୀଳା ଯାତ୍ରା ରୀତିନୀତି ଓ ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ରଘୁନାଥ କଳାପରିଷଦ ଆନୁକୁଲ୍ୟରେ ଆରମ୍ଭ ହୋଇଛି। କବି ସ୍ୱର୍ଗତ ଅନଙ୍ଗ ନରେନ୍ଦ୍ରଙ୍କ ବିରଚିତ ଶ୍ରୀ ରାମଲୀଳା ପୁସ୍ତକର ପ୍ରଥମ ରଜନୀରେ ଅନୁଷ୍ଠାନର ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଅଭିନୟ କରୁଥିବା ଶିଶୁ କଳାକାରମାନଙ୍କୁ ନେଇ ପ୍ରଥମେ ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଲୋକେଶ୍ୱରଦେବଙ୍କ ପୀଠ, ଏହାପରେ ଆରାଧ୍ୟଦେବୀ ମା କ୍ଷେତ୍ରେଶ୍ୱରୀଙ୍କ ପୀଠରେ ଓ ଶେଷରେ ଶ୍ରୀ ରାମଲୀଳା ସ୍ଥଳିରେ ବନ୍ଦନା ପର୍ବ କରାଯାଇଥିଲା। ଦ୍ୱିତୀୟ ରଜନୀରେ ମର୍ଯ୍ୟାଦାପୁରୁଷୋତ୍ତମ ପ୍ରଭୂ ଶ୍ରୀ ରାମଚନ୍ଦ୍ରଙ୍କ ଦ୍ୱାରା ବିଶ୍ୱାମିତ୍ର ଋଷିଙ୍କ ଯାଗରକ୍ଷା ନିମନ୍ତେ ତାଡକୀ ରାକ୍ଷସୀ ବଧ, ଅହଲ୍ୟାତାରଣ, ଶିବଧନୁଭଗ୍ନ, ସୀତାବିବାହ ଓ ପର୍ଶୁରାମଭେଟ ଲୀଳା ଅନୁଷ୍ଠିତ ହୋଇଯାଇଛି। ତେବେ ତୃତୀୟରଜନୀ ଅଯୋଧ୍ୟା କାଣ୍ଡ ରେ ମର୍ଯ୍ୟାଦା ପୁରୁଷୋତମ ପ୍ରଭୂ ଶ୍ରୀରାମଚନ୍ଦ୍ରଙ୍କ ବନବାସ ଲୀଳା ଅନୁଷ୍ଠିତ ହେବାକୁ ଯାଉଥିବାବେଳେ, ଚତୁର୍ଥରଜନୀ ଆରଣ୍ୟକାଣ୍ଡରେ ସୀତାହରଣ, ପଂଚମ ରଜନୀ ଆରଣ୍ୟକ କାଣ୍ଡରେ ଶବରୀ ଭେଟ ଓ କିଷ୍କିନ୍ଧା କାଣ୍ଡ ରେ ବାଳିବଧ ଲୀଳା, ଷଷ୍ଠ ରଜନୀ ସୁନ୍ଦରା କାଣ୍ଡ ରେ ଲଙ୍କାଦହନ ଲୀଳା, ସପ୍ତମ ରଜନୀ ଲଙ୍କାକାଣ୍ଡ ରେ "କୁମ୍ଭକର୍ଣ୍ଣ ଓ ମହା ପରାକ୍ରମୀ ଇନ୍ଦ୍ରଜିତ ବଧ, ଅଷ୍ଟମ ରଜନୀରେ ମହୀ ରାବଣ ବଧ, ନବମ ରଜନୀରେ ରାବଣ ବଧ ଏବଂ ଏହାର ପରବର୍ତୀ ଦିନ ମର୍ଯ୍ୟାଦା ପୁରୁଷୋତମ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଗୁରୁବାର ରାତ୍ରିରେ ଯାତ୍ରା ବିଧି ଅନୁସାରେ ବନ୍ଦ ରହିବ। ଯଦି କୌଣସି ରାତିରେ ପ୍ରତିକୂଳପାଗ ସୃଷ୍ଟି ହୁଏ ତାହାଲେ ଉକ୍ତ ରାତିରେ ଅନୁଷ୍ଠିତ ହେବାକୁ ଯାଉଥିବା ଯାତ୍ରା ତା ପରବର୍ତୀ ରାତିରେ ପରିବେଷଣ କରାଯିବ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ବିଦ୍ୟାଳୟ ପକ୍ଷରୁ ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ବେଗୁନିଆ, ୬।୫ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ଗଁପୁର ଗ୍ରାମର ନବ କିଶୋର ପଣ୍ଡାଙ୍କ ଝିଅ ସ୍ମୃତି ସିମରନ ଚଳିତ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡରେ ୫୫୨ ନମ୍ବର ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ପ୍ରଶଂସନୀୟ ହୋଇଥିବାରୁ ମଙ୍ଗଳବାର ଦିନ ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ସମିତି ସଭ୍ୟା ନଳିନୀପ୍ରଭା ଦେବୀ, ଗ୍ରାମ୍ୟ କମିଟି ସଭାପତି ନୀଳମଣି ମାଝୀ, ପ୍ରଧାନଶିକ୍ଷୟିତ୍ରୀ ରେଣୁବାଳା ମିଶ୍ର, ଶିକ୍ଷାବିତ୍ ଯୋଗୀନାଥ ସାହୁ, ହରିବନ୍ଧୁ ପଣ୍ଡା, ପରିଚାଳନା କମିଟି ସଭାପତି ଶରତ ଚନ୍ଦ୍ର ବେହେରା, ସଦସ୍ୟ ପ୍ରଦୀପ କୁମାର ବଳିୟାରସିଂହ, ନବଘନ ସେଠୀ, ପ୍ରତାପ କୁମାର ବେହେରା, ରଞ୍ଜନ କୁମାର ସାହୁଙ୍କ ସମେତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ପ୍ରଥମ ଥର ଏ୧ ଗ୍ରେଡ୍ ପାଇଥିବା ଛାତ୍ରୀ ସ୍ମୃତି ସିମରନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବୋଲଗଡ ବ୍ଲକ ମାଟ୍ରିକ୍ ଟପ୍ପର ସିପ୍ରାରାଣୀ ଦ୍ୱାରୀ (୫୫୯) ଙ୍କୁ ବୋଲଗଡ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ, ଶିକ୍ଷାବିତ୍ ପଦ୍ମ ଚରଣ ବେହେରା, ପିଏମଶ୍ରୀ ବାମନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୀତବାସ ଲେଙ୍କା, ନୂଆସାହି ସାଧନକେନ୍ଦ୍ର ସଂଯୋଜକ ଚନ୍ଦ୍ର ଶେଖର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆଶୋକ କୁମାର ଦଳବେହେରା, ପଞ୍ଚସଖା ଶିକ୍ଷା ସେତୁ ଅଧ୍ୟକ୍ଷ ଗଦାଧର ଚମ୍ପତି ପ୍ରମୁଖ ଉପସ୍ଥିତ ରହି ବ୍ଲକ ମେଟ୍ରିକ୍ ଟପ୍ପର ସିପ୍ରା ରାଣୀ ଦ୍ୱାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ମାଟ୍ରିକ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଟାଙ୍ଗୀ, ୬।୫ (ସମିସ) : ଚାନ୍ଦପୁର ରାମଚଣ୍ଡୀ ନୋଡାଲ ହାଇସ୍କୁଲର ଛାତ୍ର ଓମ୍ ପ୍ରକାଶ ନାୟକ ମାଟ୍ରିକ ପରୀକ୍ଷାରେ ୫୪୧ ନମ୍ବର ରଖି ଏ -୧ରେ କୃତିତ୍ୱ ହାସଲ କରିଥିବା ରୁ ତାଙ୍କ ବାସଭବନରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ କୁମାର ବଳବନ୍ତରାୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲିଙ୍ଗରାଜ ସାହୁ, ଶିକ୍ଷାବିତ ଉମେଶ ପ୍ରସାଦ ଧଳ, ସାମ୍ବାଦିକା ମଂଜୁଲତା ଇନ୍ଦ୍ରଜିତ, ସାମ୍ବାଦିକ ପ୍ରଦୀପ କୁମାର ସାହୁ, ଶିକ୍ଷକ ଶିବ ପ୍ରସାଦ ସାହୁ , ପୂର୍ବତନ ସମିତିସଭ୍ୟ ସନ୍ତୋଷ କୁମାର ନାୟକ, ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଂପାଦକ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଓମଙ୍କ ବାସଭବନ ରେ ସମ୍ବର୍ଦ୍ଧିତ କରାଯାଇଥିବାରୁ ତାଙ୍କର ପିତା ଛବିନ୍ଦ୍ର ନାୟକ, ମାତା ମମିତା ନାୟକ ଭଉଣୀ କ୍ରିଷ୍ଣା ନାୟକ ଙ୍କ ସମେତ ଚାନ୍ଦପୁର ମଧୁବନ ସାହିର ଶୁଭେଚ୍ଛୁ ଉତ୍ସାହିତ ହୋଇଥିଲେ।

## ଖୋର୍ଦ୍ଧା ପୌର ପରିଷଦ

# ଦୁଇ ୱାର୍ଡକୁ ପ୍ରକଳ୍ପରୁ ବାଦ ନେଇ କାଉନସିଲରଙ୍କ ପ୍ରତିବାଦ

ଖୋର୍ଦ୍ଧା,୬।୫(ସମିସ): ଖୋର୍ଦ୍ଧା ପୌରପରିଷଦର ୧୩ ଓ ୧୮ ନଂ ୱାର୍ଡକୁ ଅଣଦେଖା କରାଯାଉଥିବା ପ୍ରତିବାଦରେ ଦୁଇ ୱାର୍ଡର କାଉନ୍ସିଲର ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏଥିସହିତ ପୌରପରିଷଦ ସାଧାରଣ ବୈଠକ ଠିକ୍ ଭାବେ ପରିଚାଳନା ହେଉନଥିବା ବୈଠକର ବିବରଣୀ ର ରେଜ୍ୟୁଲେସନ୍ କପି ଠିକଣା ସମୟରେ ପ୍ରଦାନ କରାଯାଉନଥିବା ଭଳି ଅନେକ ସମସ୍ୟା ସମ୍ପର୍କିତ ଅଭିଯୋଗ ଜିଲ୍ଲାପାଳ ଅମ୍ରିତ ଋତୁରଜଙ୍କୁ ପ୍ରଦାନ କରିଛନ୍ତି।

ସୂଚନା ମୁତାବକ ପୌର ପରିଷଦର ୧୩ ୱାର୍ଡ ମହିଳା କାଉନ୍ସିଲର କାଦମ୍ବିନୀ ରାଉତ ଏବଂ ୧୮ ୱାର୍ଡ ମହିଳା କାଉନ୍ସିଲର ବିଦୁଲତା ସାହୁ ଉଭୟ ପୌର ପରିଷଦର ନିୟମିତ ସାଧାରଣ ବୈଠକ ଅନୁଷ୍ଠିତ ହେଉନଥିବା, ବୈଠକର ବିବରଣୀର ରେଜ୍ୟୁଲେସନ୍ କପି ଉଦ୍ଦେଶ୍ୟ ମୂଳକ ଭାବେ ପ୍ରଦାନ କରାଯାଉନଥିବା, ୱାର୍ଡର ବିଭିନ୍ନ ଉନ୍ନୟନ କାର୍ଯ୍ୟ ନିମନ୍ତେ ବୈଠକରେ ଉପସ୍ଥାପନ କରାଯାଉ ଥିଲେ ମଧ୍ୟ ସେଥି ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବାନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ଦୀର୍ଘଦିନ ହେଲା ପୌର ପରିଷଦ ଅନ୍ତର୍ଗତ ୨୨ଟି ୱାର୍ଡରେ ଏକ ପ୍ରକାର ଉନ୍ନତି କରଣ କାର୍ଯ୍ୟ ଠପ୍ ହୋଇ ଥିବାବେଳେ ଗତ ମାସ ଏପ୍ରିଲ ମାସ ୨୪ତାରିଖ ଦିନ ତରବରିଆ ଭାବେ ବିଭିନ୍ନ ପ୍ରକଳ୍ପ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଛି। ସ୍ଥାନୀୟ ଅଂଚଳର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଧବଳେଶ୍ୱର ଦେବଙ୍କ ପୀଠ ସମେତ ଖୋର୍ଦ୍ଧା ବଲାଙ୍ଗୀର ୧୬ନଂ ଏବଂ ୫୭ ନଂ ନୂତନ ଜାତୀୟ ରାଜପଥକୁ ଖୋର୍ଦ୍ଧା ସହର ସହିତ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ସମେତ ୧୮ ନଂ ୱାର୍ଡର ଦ୍ୱାରିକା ନଗର, ମାଳିସାହି, ଟାଙ୍ଗି ସାହି, କୋଚିଲାକଣ ସାହି , ତଳ ସାହି ସମେତ ୧୮ ନଂ ୱାର୍ଡର ରାସ୍ତା, ନାଳ ମରାମତି କରାଯିବା ସହ ଜନବସତି ବୃଦ୍ଧି ପାଉଥିବା କାରଣରୁ ନୂତନ ରାସ୍ତା ଏବଂ ନାଳ ନିର୍ମାଣର ଆବଶ୍ୟକତା ରହିଛି ବୋଲି କାଉନ୍ସିଲର ଅଭିଯୋଗ କରିଛନ୍ତି। ମାତ୍ର ଆହ୍ୱାନ କରାଯାଇଥିବା ଟେଣ୍ଡର ପ୍ରକ୍ରିୟାରେ ୧୮ ନଂ ୱାର୍ଡର କୌଣସି ପ୍ରକଳ୍ପ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇ ନ ଥିବା ୱାର୍ଡ ବାସୀଙ୍କୁ ବ୍ୟତିଥ କରିବା ସହିତ ୱାର୍ଡରେ କୌଣସି ଉନ୍ନୟନ କାର୍ଯ୍ୟ ହେଉନଥିବା କାରଣରୁ ୱାର୍ଡ ବାସୀଙ୍କ ଆକ୍ରୋଶର ଶିକାର ହେବାକୁ ପଡୁ ଥିବାର ଶ୍ରୀମତୀ ସାହୁ ପ୍ରକାଶ କରିଛନ୍ତି।

ସେହିପରି ଖୋର୍ଦ୍ଧା ସହର ସହିତ ଖୋର୍ଦ୍ଧା ବ୍ରହ୍ମପୁର ୧୬ନଂ ଜାତୀୟ ରାଜପଥ ଏବଂ ଐତିହାସିକ ପୀଠ ବରୁଣେଇକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ସମେତ ବାଶେଳୀ ସାହି, ଉପର ସାହି, ମଠସାହି, ବରୁଣେଇ ସାହି ସହିତ ୧୩ନଂ ୱାର୍ଡ ର ଅବସ୍ଥା ସମାନ ପରିସ୍ଥିତି ଥିବାର ଅଭିଯୋଗ ସମ୍ପୃକ୍ତ ୱାର୍ଡର ମହିଳା କାଉନସିଲର ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି।ଆହ୍ୱାନ କରାଯାଇଥିବା ଟେଣ୍ଡର ପ୍ରକ୍ରିୟାରେ ୧୩ ନଂ ୱାର୍ଡ ରେ ଦୁଇଟି ପ୍ରକଳ୍ପ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିବାର ଶ୍ରୀମତୀ ରାଉତ ପ୍ରକାଶ କରିଛନ୍ତି। ତେବେ ଏହି ଦୁଇ ୱାର୍ଡକୁ କୌଣସି ପ୍ରକଳ୍ପ ପାଇଁ ବ୍ୟୟ ମଞ୍ଜୁର କରାଯାଇନଥିବାବେଳେ ଅନ୍ୟ କେତେକ ୱାର୍ଡକୁ ଅନୁକମ୍ପା ଦେଖାଇ ୩୦ଲକ୍ଷ ଟଙ୍କାରୁ ଉର୍ଦ୍ଧ ଲେଖାଏଁ ଅଟକଳ କରାଯାଇ ଟେଣ୍ଡର ଡକାଯାଇ ଦିଆଯାଇଛି। ପୂର୍ବରୁ ଏହି ଦୁଇ ୱାର୍ଡର ଉନ୍ନତିକରଣ ପାଇଁ ବହୁବାର ନିର୍ବାହୀ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ସତ୍ତ୍ୱେ ଉପରୋକ୍ତ ପ୍ରକଳ୍ପରୁ ବାଦ ଦିଆଯିବା ପୌର ପାଳିକାର ସଚ୍ଛତାର ଉପରେ ପ୍ରଶ୍ନ ଉଠାଇଛନ୍ତି।

ତେଣୁ ଉଭୟ ମହିଳା କାଉନସିଲର ଏକ ସ୍ୱତନ୍ତ୍ର ବୈଷୟିକ ଟିମ୍ ସହାୟତାରେ ଅନୁଧ୍ୟାନ କରାଗଲେ ପ୍ରକୃତ ତଥ୍ୟ ଲୋକ ଲୋଚନକୁ ଆସିପାରିବ ବୋଲି କହିବା ସହ ଟେଣ୍ଡରକୁ ପ୍ରତ୍ୟାହାର କରାଯାଇ ନୂତନ ଟେଣ୍ଡର ଡକାଯିବା ଏବଂ ୱାର୍ଡବାସୀଙ୍କ ସମୂହ ସାର୍ଥ ଦୃଷ୍ଟିରୁ ଉନ୍ନୟନମୂଳକ ପ୍ରକଳ୍ପରେ ସ୍ଥାନ ଦେବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ଋତୁରାଜ ସମସ୍ତ ଘଟଣାକୁ ଗୁରୁତର ସହିତ ଗ୍ରହଣ କରି ଜିଲ୍ଲା ସହରାଂଚଳ ଉନ୍ନୟନ ଅଧିକାରୀ ଏବଂ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

● ସମବାୟ ସମିତିରେ ସ୍ୱଚ୍ଛତା ପାଇଁ ବଡ଼ ପଦକ୍ଷେପ

# ଏବେ ହେବ କର୍ମଚାରୀ ବଦଳି

ନିରାକାରପୁର,୬।୫ (ସମିସ):ରାଜ୍ୟ ସମବାୟ ବିଭାଗରେ ସ୍ୱଚ୍ଛତା ଆଣିବା ଏବଂ ଦୁର୍ନୀତି ମୁକ୍ତ ପ୍ରଶାସନ ପାଇଁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସମବାୟ ସମିତିରେ ବହୁ ବର୍ଷ ଧରି ରହିଥିବା କର୍ମଚାରୀ ଓ ସମ୍ପାଦକମାନଙ୍କର ଏବେ ହେବ ବଦଳି। ଏଥିପାଇଁ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ (ସି.ସି.ବି) ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସି.ଇ.ଓ) ସମସ୍ତ ସମିତିକୁ ତୁରନ୍ତ ରେଜୋଲୁସନ୍ କରି ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ଓଡ଼ିଶା ସରକାରଙ୍କ ନିବନ୍ଧକ ସମବାୟ ସମିତି ସମୂହଙ୍କ ଚିଠି ନମ୍ବର ୧୧୮୧୯ (ତା ୨୪.୦୬.୨୦୨୫) ଅନୁସାରେ ସମିତି କର୍ମଚାରୀଙ୍କୁ କାଡ଼ର୍ ଅନ୍ତର୍ଭୁକ୍ତ କରି ବଦଳି ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପ୍ରକ୍ରିୟା ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହେବାର ଥିଲେ ମଧ୍ୟ ବିଭିନ୍ନ କାରଣରୁ ଏଥିରେ ବିଳମ୍ବ ଘଟିଥିଲା। ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ସହକାରୀ ନିବନ୍ଧକ ମଧ୍ୟ ଚିଠି ନମ୍ବର ୨୫୦୩ (ତା ୩୦.୧୨.୨୦୨୫) ଜରିଆରେ ରେଜୋଲୁସନ୍ ପାଇଁ କହିଥିଲେ, ମାତ୍ର କୌଣସି ସମିତି ଏ ଦିଗରେ ଆଗ୍ରହ ଦେଖାଇ ନଥିଲେ। ଏହାକୁ ନେଇ ଏବେ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି ଯେ ସମିତିଗୁଡ଼ିକ ଦୁର୍ନୀତି ଲୁଚାଇବା ପାଇଁ ଏଭଳି କରୁନାହାନ୍ତି ତ?ସମିତି ଗୁଡ଼ିକର ଏଭଳି ଟାଳଟୁଳ ନୀତିକୁ ଦେଖି ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସି.ଇ.ଓ ଚିଠି ନମ୍ବର ୩୦୫(୧୬୧) ତା. ୨୪.୦୪.୨୦୨୬ ରିଖରେ ପୁଣି ଥରେ ସମସ୍ତ ସମିତି ସଭାପତି ଓ ପ୍ରଶାସନିକ ଅଧିକାରୀଙ୍କୁ ସତର୍କ କରାଇଛନ୍ତି। ସଭାରେ ରେଜୋଲୁସନ୍ ପାସ୍ କରି ତୁରନ୍ତ ପଠାଇବାକୁ ଏଥିରେ କୁହାଯାଇଛି।

